ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଫେବୃୟାରୀ ୨୬ /୨୦୨୦ Rayagada, Wednesday, February 26/ 2020




# ଖୁଡୁଖୁଡି ଖେଳରେ ଚଢାଉ,୭ ଗିରଫ

**ଡାବୁଗାଁ, ୨୫।୨ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ପୋଲିସ ସୋମବାର ଖୁଡୁଖୁଡି ଖେଳ ଉପରେ ଚଢାଉ କରି ୧୯୦୦ ଟଙ୍କା ଜବତ କରିବା ସହ ୭ ଜଣଙ୍କୁ ଗିରଫ କରିଛି । ସୋମବାର ସନ୍ଧ୍ୟାରେ ଡାବୁଗାଁ ଥାନା ଅଧୀନ ଜୁନାପାଣି ଓ ଗରୁଡଗୁଡା ଗ୍ରାମ ନିକଟରେ ଖୁଡୁଖୁଡି ଖେଳ ଚାଲିଥିଲା। ଖବର ପାଇ ଡାବୁଗାଁ ପୋଲିସ ୨ ଦଳରେ ଭାଗ ହୋଇ ୨ଟି ସ୍ଥାନରେ ଚଢାଉ କରିଥିଲେ । ଜୁନାପାଣି ଠାରେ ହେଉଥିବା ଖେଳରେ ଚଢାଉ କରି ୬୫୦ ଟଙ୍କା ଓ ଖେଳ ସାମଗ୍ରୀ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଥିଲା । ଏନେଇ ଥାନାରେ ନଂ. ୪୧/୨୦ ରେ ଏକ ମାମଲା ରୁଜୁ କରାଯାଇଛି । ଗରୁଡଗୁଡା ଗ୍ରାମ ନିକଟରେ ହେଉଥିବା ଖେଳରେ ଚଢାଉ କରି ୧୨୫୦ ଟଙ୍କା ଓ ଖେଳ ସାମଗ୍ରୀ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରାଯାଇଥିଲା । ଏନେଇ ଥାନାରେ ନଂ ୪୨/୨୦୨୦ ରେ ଏକ ମାମଲା ରୁଜୁ କରାଯାଇଛି। ଡାବୁଗାଁ ଥାନା ଆଇଆଇସି ସୁରେନ୍ଦ୍ର କୁମାର ବେଉରିଆ ଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ସଲମନ ଭୂୟାଁ ଓ ପୀତାମ୍ବର ଭତ୍ରା ଏବଂ ପୋଲିସ କର୍ମଚାରୀ ମାନେ ସାମିଲ ଥିଲେ।




# ରୋକାଗଲା ନାବାଳିକା ବିବାହ

**ନବରଙ୍ଗପୁର,୨୫।୨(ବି.ପ୍ର.)**

ନାବାଳିକା ବିବାହ ପାଇଁ ପରିବାର ଲୋକ ସମସ୍ତ ପ୍ରସ୍ତୁତି ଶେଷ କରିଥିଲେ। ବିବାହ କାର୍ଯ୍ୟ କରିବା ପାଇଁ ପୁରୋହିତ ମଧ୍ୟ ପହଞ୍ଚିଥିଲା। କିଛି ସମୟ ପରେ ବରଯାତ୍ରୀ ସହ ବର ପହଞ୍ଚିଥାନ୍ତା। କିନ୍ତୁ ନାବାଳିକା ବିବାହ ହେଉଥିବା ପ୍ରଶାସନ ଖବର ପାଇଁ ଗ୍ରାମରେ ପହଞ୍ଚିଥିଲା। ଉଭୟ ପକ୍ଷ, ଗ୍ରାମବାସୀ, ୱାର୍ଡ ମେମ୍ବର,ସମିତି ସଭ୍ୟଙ୍କ ଉପସ୍ଥିତିରେ ଆଲୋଚନା ପରେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ଏକ ନାବାଳିକା ବିବାହ ରୋକା ଯାଇଥିଲା।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଜଣେ ୧୭ ବର୍ଷ ୫ ମାସର ନାବାଳିକାଙ୍କୁ ଡଙ୍ଗରଭେଜା ଗାଁର ଏକ ଯୁବକ ସହ ବିବାହ ପାଇଁ ପ୍ରସ୍ତୁତି ଚାଲିଥିଲା। ନାବାଳିକାଙ୍କ ଘରେ ପୁରୋହିତ ପହଞ୍ଚିଥିଲା। ଏହି ସମୟରେ ଜିଲାପାଳଙ୍କୁ କେହି ଜଣେ ଫୋନ କରି ନାବାଳିକା ବିବାହ ଚାଲିଥିବା କହିଥିଲେ। ଜିଲାପାଳ ଅଜିତ କୁମାର ମିଶ୍ର ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ନବରଙ୍ଗପୁର ପୋଲିସ ଓ ନନ୍ଦାହାଣ୍ଡି ବ୍ଲକ (ଡଙ୍ଗରଭେଜା) ସିଡିପିଓଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଖବର ଦେଇଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ପଟ୍ଟନାୟକ, ନବରଙ୍ଗପୁର ଥାନା ଏଏସଆଇ ଅଶୋକ କୁମାର ଦେଓ, ହାବିଲଦାର ଚକ୍ରଧର ନାୟକ, ସିଡିପିଓ ବିନୋଦିନି ପଟ୍ଟନାୟକ, ସୁପରଭାଇଜର ରାମା ପଟ୍ଟନାୟକ, ଚାଇଲ୍ଡଲାଇନର ଟଙ୍କ ଜାନୀ, ବାବିଲନୀ ସ୍ୱାଇଁ ଓ ଗ୍ରେସୀ ଖୁରା ନାବାଳିକାଙ୍କ ଘରେ ପହଞ୍ଚିଥିଲେ। ବରଯାତ୍ରୀଙ୍କୁ ମଧ୍ୟ ରୋକା ଯାଇଥିଲା। ନାବାଳିକାଙ୍କ ବାପା ଝିଅକୁ ୧୮ ବର୍ଷ ହୋଇଗଲାଣି ବୋଲି ପ୍ରଥମେ କହିଥିଲେ। ଆଧାର କାର୍ଡରେ ୩ ମାସ ପରେ ୧୮ ବର୍ଷ ହେବ । ତେବେ ତିନିମାସକୁ କୋହଳ କରାଯାଉ ବୋଲି ଗ୍ରାମବାସୀ କହଥିଲେ । ପରେ ସ୍କୁଲ ସାର୍ଟିଫିକେଟରେ ୧୮ ବର୍ଷ ହୋଇ ସାରିଛି । ୯ମ ଶ୍ରେଣୀ ପରେ ପାଠ ଛାଡିବା ୫ ବର୍ଷ ହେବ ବୋଲି କହିଥିଲେ । ଏ ସମ୍ପର୍କରେ ସ୍ପଷ୍ଟ ହେବା ପାଇଁ ବିଦ୍ୟାଳୟର ଶିକ୍ଷକଙ୍କୁ ଡକାଯାଇଥିଲା । ନାବାଳିକାଙ୍କୁ ୧୮ ବର୍ଷ ହୋଇ ନାହିଁ ବୋଲି ଶିକ୍ଷକ ସୂଚନା ଦେଇଥିଲେ । ଜବରଦସ୍ତ ବିବାହ କରିବେ ତେବେ ମାମଲା ରୁଜୁ ହେବ ବୋଲି ପ୍ରଶାସନ ପକ୍ଷରୁ କୁହା ଯାଇଥିଲା । ନାବାଳିକା ଓ ବାଲ୍ୟବିବାହ କରିବା ଆଇନ ସମ୍ମତ ନୁହେଁ ବୋଲି ସଚେତନ ମଧ୍ୟ କରାଯାଇଥିଲା। ଉଭୟ ପକ୍ଷ ବୁଝିବା ପରେଏକ ବୁଝାମଣା ପତ୍ର ଲେଖି ଜିଲା ଶିଶୁ ସୁରକ୍ଷା ଅଧିକାରୀ ଓ ପୋଲିସଙ୍କୁ ଜଣାଇଥିଲେ। ଏହି ବିବାହକୁ ଆଗକୁ ବଢାଇବେ ନାହିଁ ବୋଲି କହିଥିଲେ । ଆଲୋଚନା ବେଳେ ଗ୍ରାମବାସୀଙ୍କ ସମେତ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଦିବାକର ବାହୁକ, ସମିତି ସଭ୍ୟ ଦିବ୍ୟଦାନ ସୁନା ଓ ୱାର୍ଡ ମେମ୍ବର ପ୍ରମୁଖ ଉପସ୍ଥିତ ଥିଲେ ।

# ସିଏଏକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି : ବଳଭଦ୍ର

**ନବରଙ୍ଗପୁର,୨୫।୨(ବି.ପ୍ର.)–**

ନାଗରିକତ୍ୱ ସଂଶୋଧନ ଆଇନ ନାଗରିକ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ। କିନ୍ତୁ କେତେକ ରାଜନୈତିକ ଦଳ ଲୋକଙ୍କୁ ବିଭ୍ରାନ୍ତ କରି ଅନ୍ୟ ରୂପ ଦେଉଛନ୍ତି। ନିକଟରେ ବିଭିନ୍ନ ସଙ୍ଗଠନର ନାମ ଦେଇ ଜିଲା ବନ୍ଦ ଡାକରା ଦିଆଯିବା ସହ ୧୭ ତାରିଖରେ ଏକ ରାଲି କରାଯାଇଥିଲା। ଲୋକଙ୍କୁ ମିଥ୍ୟା ତଥ୍ୟ ଦେଇ ଏକ ସୁସ୍ଥ ସମାଜକୁ ବିଭ୍ରାନ୍ତ କରିବାକୁ ଅପଚେଷ୍ଟା କରାଯାଉଛି। ଏଭଳି କାର୍ଯ୍ୟ କରିବା ନିନ୍ଦନିୟ । ନବରଙ୍ଗପୁର ପୂର୍ବତନ ଏମପି ବଳଭଦ୍ର ମାଝୀ ସ୍ଥାନୀୟ ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇ ଏହା କହିଥିଲେ। ଆଦିବାସୀ, ଖ୍ରୀଷ୍ଟିୟାନ, ମୁସଲମାନଙ୍କୁ ଦେଶରୁ ବାହାର କରାଯିବ ବୋଲି ଯାହା ପ୍ରଚାର କରାଯାଉଛି ତାହା ସମ୍ପୂର୍ଣ୍ଣ ଭୂଲ। ସମଗ୍ର ଦେଶରେ ଏମାନଙ୍କ ସଂଖ୍ୟା ୫୫ କୋଟିରୁ ଅଧିକ। ଏତେ ସଂଖ୍ୟକ ଲୋକଙ୍କୁ କେଉଁ ଦେଶକୁ ପଠାଯିବ ବୋଲି ସେ ପାଲଟା ପ୍ରଶ୍ନ କରିଥିଲେ। ଭାରତର ପଡୋଶୀ ଦେଶ ପାକିସ୍ତାନ, ଆଫଗାନିସ୍ଥାନ ଏବଂ ବାଂଲାଦେଶରୁ ଧାର୍ମିକ ନିର୍ଯ୍ୟାତନାର ଶିକାର ହୋଇ ଭାରତକୁ ଆସିଥିବା ସଂଖ୍ୟାଲଘୁ ବର୍ଗର ଶରଣାର୍ଥୀଙ୍କୁ ନାଗରିକତା ପ୍ରଦାନ କରାଯିବାର ଏହି ଆଇନରେ ରହିଛି। ଏହି ଆଇନ ଦ୍ୱାରା କୌଣସି ଭାରତୀୟଙ୍କ ଅଧିକାର କ୍ଷୁର୍ଣ୍ଣ ହେବନାହିଁ। ଏହି ସମସ୍ତ ସନ୍ଦେହ ଦୂରୀଭୁତ କରିବା ପାଇଁ ଆସନ୍ତା ୨୮ ତାରିଖରେ କେନ୍ଦ୍ରୀୟ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଭୁବନେଶ୍ୱର ଜନତା ମଇଦାନରେ ଏହି ଆଇନ ସପକ୍ଷରେ ଏକ ଜନସଭାକୁ ସମ୍ବୋଧନ କରିବେ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଜଗଦିଶ ଚନ୍ଦ୍ର ବିଷୋୟୀ, ଗୌରି ମାଝୀ, ମନୋଜ ମହାଙ୍କୁଡ,ଅରୁଣ ପୂଜାରୀ, ବାବୁଲି ପାଳ ଉପସ୍ଥିତ ରହିଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତମାନେ।



Authorised Dealers for Bajaj Auto Ltd.: Jeypore: KALINGA AUTO BAJAJ 7752014014 • Bhawanipatna KALINGA BAJAJ 8895088261 • Bolangir URBASI BAJAJ 7381052046 • Rayagada SITA RAMA BAJAJ – 7205631185. Authorised Service Centre: Junagarh 9437092196, Muniguda 9437459090,Rajkhariar 9437072917, Udyanbandh 9556386416, Khariar Road 9437188542, Titilagarh 9437224027, Patnagarh 9937301752, Kantabanji 9439277555, Umorkote 9556165165, Saintala-8114662939/9658030100, Kesinga- 6371162632, Kotpad 9437791919, Simliguda 8328854352, Baliguda 7008301945.

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
-ମହର୍ଷି ବାଲ୍ମୀକି



# ଯବାନଙ୍କୁ ଦିଆଗଲା ଗାର୍ଡ ଅଫ୍ ଅନର

## ଯବାନଙ୍କ କଙ୍କାଳ ଉଦ୍ଧାର ଘଟଣା

**ରାୟଗଡ଼ା ଅଫିସ,୨୫।୨**

ରାୟଗଡ଼ାର ରଇତ କଲୋନୀସ୍ଥିତ ନୂଆସାହି କିଣକିଣ ପାହାଡ଼ ନିକଟରୁ ରବିବାର ଟାଉନ ଥାନା ପୋଲିସ ଯବାନ ଧରମ ଦେବଙ୍କ କଙ୍କାଳକୁ ଉଦ୍ଧାର କରିଥିଲା । ମଙ୍ଗଳବାର ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନର ମୁଖ୍ୟ କାର୍ଯ୍ୟାଳୟରେ ତାଙ୍କୁ ଗାର୍ଡ଼ ଅଫ ଅନର ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ସିଆର୍‌ପିଏଫ୍‌ର ଡ଼ିଆଇଜିପି ଏସ . ଡ଼ି ପାଣ୍ଡେ ପ୍ରଥମେ ଧରମ ଦେବଙ୍କ ଫଟୋଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରି ତାଙ୍କର ସ୍ମୃତି ଚାରଣ କରିଥିଲେ । ସେହିପରି ରାୟଗଡ଼ା ଏସପି ଡ଼. ଶର୍ବଣା ବିବେକ ଏମ, ସେକେଣ୍ଡ ଇନ କମାଣ୍ଡାଣ୍ଟ ଏସ . କେ ଠାକୁର, ସେକେଣ୍ଡ ଇନ କମାଣ୍ଡାଣ୍ଟ ମିଟୁ ରୟ, ଡ଼େପୁଟି କମାଣ୍ଡାଣ୍ଟ ଅଶୋକ ପିଏମ, ଡ଼େପୁଟି କମାଣ୍ଡାଣ୍ଟ ସନ୍ତୋଷ କୁମାର, ସହାୟକ କମାଣ୍ଡାଣ୍ଟ କୁଳଦୀପ ସିଂଙ୍କ ସମେତ ଅନ୍ୟ ଯବାନମାନେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଗାର୍ଡ଼ ଅଫ ଅନର ଦିଆଯାଇଥିଲା । ଅନ୍ୟପକ୍ଷରେ ଜବତ କଙ୍କାଳ ଯବାନ ଧରମ ଦେବଙ୍କର କି ନାହିଁ ସେନେଇ ତାଙ୍କ ପୁଅଙ୍କଠାରୁ ନମୁନା ସଂଗ୍ରହ କରାଯାଇ ଡ଼ିଏନଏ ପରୀକ୍ଷା ପାଇଁ ଫୋରେନ୍ସିକ ଲ୍ୟାବକୁ ପଠାଯାଇଛି । ଯବାନଙ୍କ ପୁଅ ରାକେଶ କୁମାର କହିଛନ୍ତି ଯେ, ଡ଼ିସେମ୍ବର ୨୯ ତାରିଖରେ ବାପାଙ୍କ ସହ ଫୋନରେ କଥା ହୋଇଥିଲେ। ତାପରଠାରୁ ତାଙ୍କ ଫୋନ ସୁଇଚ୍ ଅଫ ରହିଛି । ତାଙ୍କ ସହ ତାଙ୍କ ମାମୁଁ ମଧ୍ୟ ଆସିଛନ୍ତି । ଧରମ ଦେବଙ୍କ ମର ଶରୀରକୁ ତାଙ୍କ ଗ୍ରାମ ଉତ୍ତର ପ୍ରଦେଶର ଦେଓରିଆ ଜିଲାର ସଛାଉଲିପଟା କୁ ପଠାଯିବ ବୋଲି ଜଣାପଡ଼ିଛି । ଏନେଇ ଏସପି ଶ୍ରବଣ ବିବେକ ଏମଙ୍କୁ ପଚାରିବାରୁ, ଯବାନ ଧରମ ଦେବଙ୍କୁ ଗାର୍ଡ଼ ଅଫ ଅନର ଦିଆଯାଇଛି । ବ୍ୟବଚ୍ଛେଦ ରିପୋର୍ଟ କୁ ଅପେକ୍ଷା କରିଛୁ । ରିପୋର୍ଟ ଆସିବା ପରେ ହିଁ ସତ୍ୟତା ପଦାକୁ ଆସିବ ବୋଲି କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଯବାନ ଧରମ ଦେବ ମାଓବାଦୀ ପ୍ରବଣ ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ସିଆରପିଏଫ କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ତାଙ୍କର ଦିଲ୍ଲୀ ବଦଳି ହୋଇଥିଲା। ତେଣୁ ସେ ଡିସେମ୍ବର ୨୯ରେ ଦିଲ୍ଲୀ ଯିବା ଲାଗି ଶେଷଖାଲରୁ ରାୟଗଡ଼ା ବସଷ୍ଟାଣ୍ଡକୁ ଯାଇଥିଲେ। ସେଠାରୁ ସେ ଷ୍ଟେଶନ ଯାଇ ଦିଲ୍ଲୀ ଯାତ୍ରା କରିଥାନ୍ତେ। କିନ୍ତୁ ହଠାତ୍ ବସଷ୍ଟାଣ୍ଡରୁ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ସିଆରପିଏଫ୍ ୪ର୍ଥ ବାଟାଲିୟନ ତାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ନ ଥିଲା। ବାଧହୋଇ ଥାନାରେ ଏତଲା ଦେବା ସହ ତାଙ୍କ ପରିବାର ଲୋକଙ୍କୁ ମଧ ସେ ନିଖୋଜ ଥିବା ନେଇ ଜଣାଯାଇଥିଲା। ରାୟଗଡ଼ା ଟାଉନ ଥାନା ପୋଲିସ ଏନେଇ କେସ୍ ନଂ. ୧/୨୦ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ରବିବାର କିଣକିଣ ପାହାଡ଼ରେ ଏକ କଙ୍କାଳ ଉଦ୍ଧାର କରାଯାଇଥିଲା । ସେଠାରୁ ଗୋଟିଏ ବ୍ୟାଗରୁ ନିଖୋଜ ଥିବା ଯବାନ ଧରମ ଦେବଙ୍କ ଆଇଡି କାର୍ଡ଼, ୟୁନିଫର୍ମ ଓ ଆଧାରକାର୍ଡ଼ ଜବତ କରିଥିଲା ।



ଯବାନଙ୍କୁ ଗାର୍ଡ଼ ଅଫ ଅନର ଦିଆଯାଉଛି ।

## ସଂକ୍ଷେପରେ



### ପଲିଥିନ୍ ଜବତ, ଜରିମାନା ଆଦାୟ

**ଗୁଣପୁର,୨୫।୨(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ପୌର ପରିଷଦ ପକ୍ଷରୁ ମଙ୍ଗଳବାର ସହରର ପୁରୁଣା ବସଷ୍ଟାଣ୍ଡ ଅଞ୍ଚଳରେ ଥିବା ବିଭିନ୍ନ ଦୋକାନ ଉପରେ ଚଢ଼ାଉ କରାଯାଇ ପଲିଥିନ ଜବତ କରାଯାଇଛି । ଏଥିସହ ୩୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ପୌର କର୍ମଚାରୀ ଓପୋଲିସ ସହଯୋଗରେ ଏହି ଚଢ଼ାଉ କରିଥିଲେ ।

### କଲେଜ କର୍ତ୍ତୃପକ୍ଷଙ୍କ ବେଆଇନ ପାଚେରି ନିର୍ମାଣ ଅଭିଯୋଗ ପରେ ମାପଚୁପ ଆରମ୍ଭ



**ପାରଳାଖେମୁଣ୍ଡି, ୨୫।୨ (ସ୍ୱ.ପ୍ର.) :** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କଲେଜ ପରିସର ବାହାରେ ପାଚେରି ନିର୍ମାଣ ଆରମ୍ଭ ହୋଇଥିଲା। ଏହାକୁ ରଥଯାତ୍ରା କମିଟି ପକ୍ଷରୁ ବେଆଇନ ବୋଲି ଅଭିଯୋଗ କରାଯିବା ପରେ ଏବେ ମାପଚୁପ ଆରମ୍ଭ ହୋଇଛି । କଲେଜ ପକ୍ଷରୁ ଏହି ପାଚେରି ନିର୍ମାଣ ହେଲେ ରଥଯାତ୍ରା ସମୟରେ ସମସ୍ୟା ସୃଷ୍ଟି ହେବ ବୋଲି ଅଭିଯୋଗ କରି ରଥଯାତ୍ରା କମିଟି ସଦସ୍ୟ ରାମନାଥ ମିଶ୍ର, ବସନ୍ତ ପଣ୍ଡା, ଟି.ବସନ୍ତ କୁମାର, ଟି.ଶରତ କୁମାର ଏ ସମ୍ପର୍କରେ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଥିଲେ । ପରେ ପାରଳାଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସହକାରୀ ତହସିଲଦାର ସ୍ୱାଗତିକା ଦାସଙ୍କ ଉପସ୍ଥିତିରେ ଅନ୍ୟାନ୍ୟ କର୍ମଚାରୀଙ୍କ ସହାୟତାରେ ସେଠାରେ ମାପଚୁପ କାର୍ଯ୍ୟ ଆରମ୍ଭ ହୋଇଛି । ମାପ ସରିବା ପରେ ଉକ୍ତ ଜାଗାଟି କଲେଜର କି ନୁହେଁ ତାହା ଜଣାପଡିବ।

### ଛାତରୁ ପଡ଼ି ଶ୍ରମିକ ମୃତ

**ଗୁଣପୁର,୨୫।୨(ଡି.ଏନ.ଏ):** ରାୟଗଡ଼ା ଜିଲା ଗୁଣପୁର ସହର ବାଇପାସ୍ ରାସ୍ତାରେ ରହୁଥିବା ଓକିଲ ରମେଶ ଲିମାଙ୍କ ଘର କାମ କରୁଥିବାବେଳେ ଛାତରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ସେ ହେଲେ ଇରିଗେଶନ କଲୋନୀର ଏସ୍. କୁମାର ସ୍ୱାମୀ ରାମୁଲୁ । ସେ ମଙ୍ଗଳବାର ରମେଶଙ୍କ ଘର କାମ କରୁଥିଲେ । ହଠାତ୍ ତାଙ୍କ ମୁଣ୍ଡ ବୁଲାଇବାରୁ ସେ ତଳେ ପଡ଼ି ଯାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ଗୁରୁତର ରାମୁଲୁଙ୍କୁ ସ୍ଥାନୀୟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଜିଲା ମଙ୍ଗଳ ଅଧିକାରୀଙ୍କ ବଦଳି

**ରାୟଗଡ଼ା ଅଫିସ, ୨୫।୨:** ରାୟଗଡ଼ା ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳଙ୍କ ବଦଳି ହୋଇଛି । ତାଙ୍କୁ କଳାହାଣ୍ଡି ଜିଲା ମଙ୍ଗଳ ଅଧିକାରୀ ଭାବେ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ଅଶୋକ ଶତପଥୀ ଯୋଗ ଦେବେ ।

### ଡାକ୍ତରଖାନାରେ ଉନ୍ମତ୍ତକାଣ୍ଡ: ଅଭିଯୁକ୍ତ ଗିରଫ

**ଆସିକା,୨୫।୨(ଡି.ଏନ୍.ଏ.):** ଆସିକା ଡାକ୍ତରଖାନାରେ ମଙ୍ଗଳବାର ଭଙ୍ଗାରୁଜା କରିବା ଓ ଡାକ୍ତର, କର୍ମଚାରୀଙ୍କୁ ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ନିଶାସକ୍ତ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଆସିକା କଲେଜ ଛକର ପଦ୍ମନାଭ ପାତ୍ର। ତାଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ପଦ୍ମନାଭ ଡାକ୍ତରଖାନାରେ ପଶି ଡାକ୍ତର ଓ କର୍ମଚାରୀଙ୍କୁ ଧମକ ଦେବା ସହ ଭଙ୍ଗାରୁଜା କରିଥିବା ଡାକ୍ତର ମୋହନ ବାରିକ ଆସିକା ଥାନାରେ ଅଭିଯୋଗ କରିଥିଲେ ।

# ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଚିଲା ବାଳରେ ମହଣ**
**ବୁଢ଼ୀ ଚହଟ ଦେଖିବ କଅଣ ?**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ରହିଥାଏ ଅହେତୁକ ଦୁର୍ବଳତା। ବୟସ ଯେତେ ବଢ଼ି ବଢ଼ି ଯାଉଥିଲେ ମଧ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନ ଥାଏ। ଉତ୍ତୀର୍ଣ୍ଣ ବୟସରେ ଉପନୀତ ହୋଇଥିବା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପାଟହାତୀ ଚାଲେ ଝୁଲି**
**ଥିର ପାଣି ସିନା ପଥର କାଟେ ଲୋ**
**ତୂନୀ ଯେ ମୁନିଠୁଁ ବଳି ।**

ଧୈର୍ଯ୍ୟର ସହିତ କାର୍ଯ୍ୟ କଲେ ଅସାଧ୍ୟ ସାଧନ କରାଯାଇପାରେ ବା କାର୍ଯ୍ୟ ସଫଳ ହୋଇଥାଏ। ଧୀରସ୍ଥିର ଚିନ୍ତାବିନା ସଫଳତା ପ୍ରାପ୍ତି ଅସମ୍ଭବ। ସେହିପରି ମୌନ ରହୁଥିବା ଲୋକ ମୁନିଠାରୁ ମଧ ବଡ଼ ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଅତିଥିଙ୍କ ଗହଣରେ ଦିବ୍ୟାଙ୍ଗମାନେ।

**ରାୟଗଡ଼ା ଅଫିସ/ଜେକେପୁର, ୨୫।୨(ଡ଼ି.ଏନ.ଏ)**

ରାୟଗଡ଼ା ବ୍ଲକ ତରଫରୁ ଜେକେପୁରସ୍ଥିତ ମନୋରଞ୍ଜନ କେନ୍ଦ୍ରଠାରେ ଗ୍ରାମ ପଞ୍ଚାୟତସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ବ୍ଲକ ଅଧ୍ୟକ୍ଷ ପେଦେଣ୍ଡି ରାମୁଲୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ବିଡ଼ିଓ ରାଜେନ୍ଦ୍ର ମାଝି, ଏବିଡ଼ିଓ ନୃସିଂହଚରଣ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପି. ଗୌରୀ ଶଙ୍କର, ଜେକେ କାଗଜକଳର ସୂଚନା ଓ ଲୋକ ସମ୍ପର୍କ ବିଭାଗ ମହା ପ୍ରବନ୍ଧକ ସୁନୀଲ କୁମାର ନାଥ , ସିଏସ୍‌ଆର ବିଭାଗର ହରିହର ଖମାରୀ ଏବଂ କ୍ଷମତା ଏକ୍ସପ୍ରେସ ର ମୁଖ୍ୟ ରାଜେଶ କୁମାର ସାହୁ ମଞ୍ଚସୀନ ଥିଲେ । ଏଥିରେ ଚାନ୍ଦିଲି, କାର୍ଲାକଣା, ପେଣ୍ଟା, କୁମୁଟିପେଣ୍ଟର ମୋଟ ୧୫୧ ଜଣ ଦିବ୍ୟାଙ୍ଗ ବ୍ୟକ୍ତି ଙ୍କୁ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ୭୬ ଅସ୍ଥିଶଲ୍ୟ, ୪୧ କଣ୍ଠ ବାଧିତ , ୨୫ ଦୃଷ୍ଟି ବାଧିତ, ୯ ମାନସିକ ବିକୃତ ଭାବେ ଚିହ୍ନଟ କରାଯାଇଛି । ଏହି ଶିବିରରେ ୮୬ ଜଣଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ସେହିପରି ୪୨ ଜଣଙ୍କୁ ଭତ୍ତା ନିମନ୍ତେ ଚୟନ କରାଯାଇଛି। ୨ ଦିବ୍ୟାଙ୍ଗଙ୍କ ଆର୍ଥିକ ସ୍ୱଚ୍ଛଳ ନିମନ୍ତେ ଡ଼ିଆର୍‌ଆଇ ଋଣ ପାଇଁ ଦରଖାସ୍ତ ଗ୍ରହଣ କରାଯାଇଥିଲା। ୫ ଜଣଙ୍କର ପୁରୁଣା ପ୍ରମାଣପତ୍ର ର ନବୀକରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଜିତ ହୋତା ପରିଚାଳନା କରିଥିଲେ ।

# ସାଇଣ୍ଟିଫିକ ଟିମ୍,ସନ୍ଧାନୀ କୁକୁର ତଦନ୍ତ

## ପୂର୍ବତନ ବ୍ୟାଙ୍କ କର୍ମଚାରୀଙ୍କ ଘରୁ ଚୋରି ଘଟଣା

**ଗୁଣପୁର,୨୫।୨(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସହର ବେଲ ହଷ୍ଟେଲ ସମ୍ମୁଖ ତଥା ପୁରୁଣା ଷ୍ଟେଟ ବ୍ୟାଙ୍କ ସାହିରେ ରହୁଥିବା ପୂର୍ବତନ ବ୍ୟାଙ୍କ କର୍ମଚାରୀ ଟି.ସୁବ୍ରମଣ୍ୟମଙ୍କ ଘରେ ଦୁର୍ବୃତ୍ତମାନେ କଳା କନା ବୁଲାଇ ଦେଇଥିଲେ । ଏନେଇ ପୋଲିସ ନିକଟରେ ଅଭିଯୋଗ ହେବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି । ମଙ୍ଗଳବାର ଅପରାହ୍ନରେ ରାୟଗଡାରୁ ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ଆସି ତଦନ୍ତ କରିଛନ୍ତି । ବର୍ଷା ହେବାରୁ ସନ୍ଧାନୀ କୁକୁରର ତଦନ୍ତରେ ବ୍ୟାଘାତ ହୋଇଥିଲା । ସୂଚନାଯୋଗ୍ୟ, ଗତ ଜାନୁୟାରୀ ୨୧ ତାରିଖରୁ ସୁବ୍ରମଣ୍ୟମ ତାଙ୍କ ମାଆଙ୍କ ଦେହ ଖରାପ ଥିବାରୁ ଭୁବନେଶ୍ୱର ଚାଲି ଯାଇଥିଲେ । ସେଠାରେ ତାଙ୍କ ମାଆଙ୍କର ଦେହାନ୍ତ ହୋଇଯାଇଥିଲା । କିଏ ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର କବାଟ ଭାଙ୍ଗି ଟଙ୍କା, ସୁନା ଏବଂ ରୁପା ଚୋରି କରି ନେଇଯାଇଥିଲେ । ଏନେଇ ସାହି ଲୋକ ଜାଣିବା ପରେ ତାଙ୍କୁ ସୂଚନା ଦେଇଥିଲେ । ସେ ସୋମବାର ସନ୍ଧ୍ୟାରେ ଘରକୁ ଆସି ଘଟଣା ସମ୍ପର୍କରେ ଜାଣିଲେ । ଘରର ବିଭିନ୍ନ ଜିନିଷ ତନଖି କରିବା ପରେ୧୨ ତୋଳା ସୁନା, ୫୦ତୋଳା ରୁପା ସହ ନଗଦ ୧୨ ହଜାର ଟଙ୍କା ଚୋରି ହୋଇଥିବା ଜାଣି ଥାନାରେ ଏତଲା ଦେଇଥିଲେ ।



ସନ୍ଧାନୀ କୁକୁର ତଦନ୍ତ କରୁଛି ।

# ଟିକିରି ଷ୍ଟେଶନ ରାସ୍ତା ଶୋଚନୀୟ

**ଟିକିରି,୨୫।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ମୁଖ୍ୟ ରାସ୍ତାରୁ ଷ୍ଟେଶନ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡିଛି । ଆବଶ୍ୟକ ମରାମତି, ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଳ ବିଭାଗ ଅଧୀନରେ ଥିବା ଏହି ରାସ୍ତାକୁ ପ୍ରଥମେ ରେଳବାଇ ନିର୍ମାଣ କରିଥିଲା । ପରବର୍ତ୍ତୀ ସମୟରେ ଉତ୍କଳ ଆଲୁମିନା ପକ୍ଷରୁ ରାସ୍ତା ନବୀକରଣ କରାଯାଇଥିଲା । ବର୍ତ୍ତମାନ ଉକ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଏବେ କିନ୍ତୁ ରେଳବିଭାଗ ନା ଉତ୍କଳ ଆଲୁମିନା କମ୍ପାନୀ କିମ୍ବା ଜିଲା ପ୍ରଶାସନ ରାସ୍ତା ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଯାତାୟାତରେ ସମସ୍ୟା ହେଉଛି । ଏହି ରାସ୍ତା ଦେଇ ସ୍ଥାନୀୟ ଶିଶୁମନ୍ଦିର ଛାତ୍ରୀଛାତ୍ର ସମେତ ଶତାଧିକ ଟ୍ରେନ୍ ଯାତ୍ରୀ ଯାତାୟାତ କରୁଛନ୍ତି। ସେହିପରି ରେଳ ଷ୍ଟେଶନ ରାସ୍ତା ପାଖକୁ ପିଏମ୍‌ଜିଓ୍ୱାଇର ରାସ୍ତା ଯାଇଥିବାରୁ ଆଖପାଖ ଗ୍ରାମର ଅନେକ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ପ୍ରଶାସନ ପକ୍ଷରୁ ତୁରନ୍ତ ଉକ୍ତ ରାସ୍ତା ମରାମତି କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



ରାୟଗଡ଼ାର ଲାଙ୍ଗାଠାରେ ଏକ ଟ୍ରକ କାରକୁ ଧକ୍କା ଦେବାରୁ କାରଟି ପୋଲରେ ଝୁଲିକି ରହିଛି।

# ଆରବି ବିଦ୍ୟାଳୟର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**କୋଲନରା,୨୫।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କୋଲନରା ବ୍ଲକ ବଡ଼ଖିଲାପଦର ପଞ୍ଚାୟତ ଅନ୍ତର୍ଗତ ଆରବି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୋଲନରା ଏବିଡିଓ କେ. ଶିବ ଗୋପାଳ ରାଓ ମୁଖ୍ୟ ଅତିଥି , କୋଲନରା ବିଇଓ ଏମ୍. ଖଗେଶ୍ୱର ରାଓ , ଖିଲାପଦର ସମିତି ସଭ୍ୟ ମାଧାରାଓ କଣ୍ଡାଗରୀ, ବିଏସ୍‌ଏସ୍‌ଓ ଏସ୍.କେ. ପାଣିଗ୍ରାହୀ, ଏବିଇଓ ତାଡିଙ୍ଗି ସିଙ୍ଗାନା ସମ୍ମାନିତ ଅତିଥି,ବିଆରସିସି ବଂଶୀଧର ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ଅରୁଣ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ ସିଆରସିସି କେ. ଚନ୍ଦ୍ରଶେଖର, ପୁଝାରିଗୁଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧ୍ରୁବଚରଣ ଶୁକ୍ଳା, ସହକାରୀ ଶିକ୍ଷକ ସର୍ବେଶ୍ୱର ମିଶ୍ର, ଜାଗ୍ରତିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ପାଢ଼ୀ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ପାରଳାଖେମୁଣ୍ଡି, ୨୫।୨ (ସ୍ୱ.ପ୍ର.)**

ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ପଦ୍ମପୁର ଗ୍ରାମସ୍ଥିତ ବିନୋଦିନୀ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟରେ ୭୭ ଛାତ୍ରୀଙ୍କୁ ନେଇ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପାରଳାଖେମୁଣ୍ଡି ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷା ଡ. ଅରୁଣା ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନେ ଶିକ୍ଷାଲାଭ କରିଥିବା ଆତ୍ମକୌଶଳକୁ ଆବଶ୍ୟକ ସମୟରେ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଉଚ୍ଚମାଧମିକ ବିଦ୍ୟାଳୟର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସଂଯୋଜିକା ବିଜୟଲକ୍ଷ୍ମୀ ପରିଚ୍ଛା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁମିତା ପରିଚ୍ଛା ଓ ଇତିଶ୍ରୀ ନାୟକ କୌଶଳ ଶିକ୍ଷା ଦେଇଥିଲେ। ଅଧାପିକା ଡ. ନଳିନୀ ସାବତ ସ୍ୱାଗତ ସୂଚନା ଦେଇଥିବାବେଳେ ଅଧାପକ ସୀତାରାମ ପ୍ରଧାନ ଧନ୍ୟବାଦ ଦେଇଥିଲେ ।



ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଆସିଥିବା ବିଦେଶୀ ପର୍ଯ୍ୟଟକ।

# ଗଜପତିରେ ବିଦେଶୀ ପର୍ଯ୍ୟଟକ

**ପାରଳାଖେମୁଣ୍ଡି, ୨୫।୨ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡିଠାରେ କେତେକ ବିଦେଶୀ ପର୍ଯ୍ୟଟକଙ୍କୁ ମଙ୍ଗଳବାର ବୁଲୁଥିବା ଦେଖିବାକୁ ମିଳିଥିଲା। ଏହି ପର୍ଯ୍ୟଟକମାନେ ସୁଦୂର ଜିମ୍ବାୱେ ଦେଶରୁ ଆସିଥିଲେ। ସେମାନେ ହେଲେ ଲିଙ୍କନ ମାଜୋନେ, ସାର ଆଞ୍ଜେଲ ଓ ଚେଲ ମୟୋ ବୋଲି ଜଣାପଡିଛି। ଗଜପତି ଜିଲାରେ ବହୁ ଐତିହାସିକ ପର୍ଯ୍ୟଟନ ସ୍ଥଳୀ ଏବଂ ପାରଳାଖେମୁଣ୍ଡିସ୍ଥିତ ବସନ୍ତ ନିବାସ, ରାଜନହର, ଗଣ୍ଡାହାତୀ ଜଳପ୍ରପାତ ଆଦି ରହିଥିବାରୁ ପର୍ଯ୍ୟଟକମାନେ ଏହି ସବୁ ସ୍ଥାନକୁ ବୁଲିବାକୁ ଆସିଥାଇପାରନ୍ତି।

# ସହାୟତା ଅପେକ୍ଷାରେ ଲେଲେନ୍ଦ୍ରୀ

## ଚିକିତ୍ସାରେ ଅର୍ଥ ବାଧକ

**ଟିକିରି, ୨୫।୨ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ତୋଳଝିରି ପଞ୍ଚାୟତ ତଳକୁଡିଆଲ ଗ୍ରାମର ନାୟକ ମାଝିଙ୍କ ଝିଅ ଲେଲେନ୍ଦ୍ରୀ ମାଝି। ସେ ଭୁବନେଶ୍ୱରସ୍ଥିତ କିସ୍‌ରେ ରହି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢିଛନ୍ତି । ସେ ଦୀର୍ଘଦିନ ହେବ ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ । ତାଙ୍କ ପେଟରେ ପାଣି ଜମି ଫୁଲିଯାଇଛି । ବର୍ଷେ ହେଲାଣି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଏହି ରୋଗରେ ଆକ୍ରାନ୍ତ ହେବା ପରେ ଅନୁଷ୍ଠାନରେ ରହି ପଢ଼ିବା ସମ୍ଭବପର ହୋଇ ନ ଥିଲା। ତାଙ୍କ ବାପା ଆଉ କିଛି ଉପାୟ ନ ପାଇ ନିଜ ଗ୍ରାମକୁ ନେଇ ଆସିଥିଲେ। ଏହାପରେ ତାଙ୍କ ପେଟ ଅଧିକ ଫୁଲିବା ସହ ପେଟ ବ୍ୟଥା ଆରମ୍ଭ ହୋଇଥିଲା । ଆଜକୁ ୫ ଦିନ ହେବ ପରିବାର ଲୋକେ ତାଙ୍କର ଚିକିତ୍ସା ନିମନ୍ତେ କୋରାପୁଟ ଲକ୍ଷ୍ମଣ ନାୟକ ମେଡିକାଲରେ ଭର୍ତ୍ତି କରିଛନ୍ତି । ନାୟକ ମାଝି ଜଣେ ଦିନ ମଜୁରିଆ । ସେ ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳାଇବା ସହ ଲେଲେନ୍ଦ୍ରୀଙ୍କ ଚିକିତ୍ସା କରୁଛନ୍ତି । ଏବେ ତାଙ୍କ ପେଟରୁ ପାଣି କାଢ଼ିବା ପାଇଁ ଗୋଟିଏ ଇଞ୍ଜେକ୍‌ଶନର ଦାମ ୫ ହଜାର ଟଙ୍କା,ଯାହା ତାଙ୍କ ପକ୍ଷେ ସମ୍ଭବ ନୁହେଁ । ପାଖରେ ଯାହା ଟଙ୍କା ଓ ସୁନା ଥିଲା ତାହା ଖର୍ଚ୍ଚ କରିଛନ୍ତି । ଏବେ ଝିଅକୁ କିପରି ଭଲ କରିବେ ସେନେଇ ଚିନ୍ତିତ ହୋଇପଡ଼ିଛନ୍ତି ନାୟକ । ପ୍ରଶାସନ କିମ୍ବା ଏମ୍‌ଏଲ୍‌ଏ ପାଣ୍ଠିରୁ କିଛି ସହାୟତା ମିଳିଲେ ଲେଲେନ୍ଦ୍ରୀ ଭଲ ହୋଇ ପାରନ୍ତେ ବୋଲି ଗ୍ରାମବାସୀ କହିଛନ୍ତି।



ଲେଲେନ୍ଦ୍ରୀ ମାଝି

